# Phone call between Prime Minister Shri Narendra Modi and H.E. Dr. John Pombe Joseph Magufuli, President of the United Republic of Tanzania

June 12, 2020

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଞ୍ଜାନିଆ ରାଷ୍ଟ୍ରପତି ମହାମହିମ ଡକ୍ଟର ଜନ ପମ୍ବେ ଜୋସେଫ ମାଗୁଫୁଲିଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳାପ

**ଜୁନ** 12, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ତାଞ୍ଜାନିଆର ରାଷ୍ଟ୍ରପତି ମହାମହିମ ଡକ୍ଟର ଜନ ପମ୍ବେ ଜୋସେଫ ମାଗୁଫୁଲିଙ୍କ ସହିତ ଫୋନରେ କଥା ହୋଇଛନ୍ତି।

ଜୁଲାଇ 2016 ରେ ନିଜର ଦାର-ଏସ-ସଲାମ ଗସ୍ତକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ତାଞ୍ଜାନିଆ ସହିତ ଭାରତର ପାରମ୍ପରିକ ସମ୍ପର୍କ ଉପରେ ଗୁରୁତ୍ୱ ଦେଇଥିଲେ। ତାଞ୍ଜାନିଆ ସରକାର ଓ ଲୋକଙ୍କର ଅଭିଳାଷା ଏବଂ ଆବଶ୍ୟକତା ଅନୁସାରେ ଭାରତର ବିକାଶ ଯାତ୍ରାରେ ତାଞ୍ଜାନିଆକୁ ଭାଗିଦାର କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ।

କୋଭିଡ-19 ମହାମାରୀ ପ୍ରସଙ୍ଗରେ ଭାରତୀୟ ପ୍ରବାସୀଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ତାଞ୍ଜାନିଆ କର୍ତ୍ତୃପକ୍ଷଙ୍କ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ଡକ୍ଟର ମାଗୁଫୁଲିଙ୍କୁ ଧନ୍ୟବାଦ ଦେଇଥିଲେ।

ଦୁଇ ନେତା ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଥିଲେ। ବୃଦ୍ଧି ପାଉଥିବା ବିକାଶ ସହଭାଗୀତା, ଶିକ୍ଷାଗତ ସଂଯୋଗ, ଏବଂ ଭାରତ ଓ ତାଞ୍ଜାନିଆ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗରେ ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ ଏହି ଧାରାକୁ ତ୍ୱରାନ୍ୱିତ କରିବାର ସମ୍ଭାବନା ଉପରେ ଆଲୋଚନା କରିଥିଲେ।

ଚଳିତ ବର୍ଷ ହେବାକୁ ଥିବା ରାଷ୍ଟ୍ରପତି ଏବଂ ସଂସଦୀୟ ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମହାମହିମ ଡକ୍ଟର ମାଗୁଫୁଲି ଓ ତାଞ୍ଜାନିଆର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ନୂଆଦିଲ୍ଲୀ**
**ଜୁନ** 12, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.